## ସଂକ୍ଷେପରେ

### ଡିଏମ୍ୟୁ ଟ୍ରେନ୍ ସମ୍ପ୍ରସାରଣ ଦାବି

ପାରଳାଖେମୁଣ୍ଡି, ୨୯।୧(ସ୍ୱ.ପ୍ର.): ଗଜପତି ଜିଲାର ପାରଳାଖେମୁଣ୍ଡି ରେଲଷ୍ଟେଶନକୁ ପୂର୍ବତଟ ରେଳପଥ ଉପେକ୍ଷା କରୁଥିବା ଅଭିଯୋଗ ହୋଇଛି। ପୂର୍ବତଟ ରେଳପଥ ଅଧିନରେ ବିଭିନ୍ନ ସ୍ଥାନକୁ ଚଳାଚଳ କରୁଥିବା ୬ଟି ଟ୍ରେନ୍‌ର ସମ୍ପ୍ରସାରଣ କରାଯାଇଛି। ବିଶାଖାପାଟଣା, ପଲାସା, ବ୍ରହ୍ମପୁର ପାସେଞ୍ଜର ଇତ୍ୟାଦି ସମ୍ପ୍ରସାରିତ ହୋଇଛି । ମାତ୍ର ଭୁବନେଶ୍ୱର-ପାରଳାଖେମୁଣ୍ଡିକୁ ସିଧାସଳଖ କୌଣସି ନୂତନ ଟ୍ରେନ୍ ନ ଚାଲିବା ପରିତାପର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। କେବଳ ରାଉରକେଲା-ଗୁଣୁପୁର ରାଜ୍ୟରାଣୀ ଏକ୍ସପ୍ରେସ ସପ୍ତାହକୁ ୩ଦିନ ପରିବର୍ତ୍ତେ ପ୍ରତିଦିନ ଚାଲିବା ପାଇଁ ନିଷ୍ପତ୍ତି ହୋଇଥିଲେ ମଧ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ପଲାସାରୁ ୪୦କିମି ପର୍ଯ୍ୟନ୍ତ ଯେକୌଣସି ଡିଏମ୍ୟୁ ଟ୍ରେନ୍‌କୁ ସମ୍ପ୍ରସାରଣ କରାଗଲେ ଏହି ଜିଲାର ବିକାଶ ହେବା ସହ ଜନସାଧାରଣ ଉପକୃତ ହୁଅନ୍ତେ। ଏଥିପ୍ରତି ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଦୃଷ୍ଟି ଦେବେ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

■ ବାଲ୍ୟ ବିବାହ, ଶିଶୁ ଚାଲାଣ ଓ ଯୌନ ଶୋଷଣ ନିରୋଧ ଆଇନ ସଂକ୍ରାନ୍ତ କର୍ମଶାଳା

# ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ

ପାରଳାଖେମୁଣ୍ଡି, ୨୯।୧(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରରେ ମଙ୍ଗଳବାର ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ସମାଜ କଲ୍ୟାଣ ସମିତି ସହଯୋଗରେ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ସିଡିପିଓ ଏବଂ ସୁପରଭାଇଜରମାନଙ୍କୁ ନେଇ ବାଲ୍ୟ ବିବାହ, ପୋଷ୍ୟ ସନ୍ତାନ, ଶିଶୁ ଚାଲାଣ ଓ ଶିଶୁ ଯୌନ ଶୋଷଣ ନିରୋଧ ଆଇନ ସଂକ୍ରାନ୍ତ ଜିଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ଅରୁଣ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ଯୋଗଦେଇ କହିଥିଲେ ଯେ, ଏବେ ବି ସଚେତନତା ଅଭାବରୁ ବାଲ୍ୟ ବିବାହ ହେଉଛି। ଏହାକୁ ରୋକିବା ଦିଗରେ ଚାଇଲ୍ଡ ଲାଇନ କାର୍ଯ୍ୟ କରୁଛି। ତେବେ ସମ୍ପୃକ୍ତ ଅଧିକାରୀମାନେ ଯଦି ଆଗୁଆ ସୂଚନା ପାଇ ବାହାଘରକୁ ସମ୍ପୂର୍ଣ୍ଣ ବନ୍ଦ କରିପାରନ୍ତେ ତାହା ଉଭୟ ଝିଅ-ପୁଅ ଓ ତାଙ୍କ ପରିବାର ପାଇଁ ସବୁ ଦିଗରୁ ଭଲ ହେବ। ତୃଣମୂଳସ୍ତରରୁ ଏହି ସମ୍ବନ୍ଧୀୟ ଗାଇଡ୍ ଲାଇନ ଓ କାଗଜପତ୍ର ସବୁକୁ ଲାଇବ୍ରେରୀ ଭାବି ଠିକ ଭାବେ ପରିଚାଳନା କରି ଦାୟିତ୍ୱ ନିର୍ବାହ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଶିଶୁ କଲ୍ୟାଣ ସମିତି ଅଧକ୍ଷ ବିନୋଦ ଚନ୍ଦ୍ର ଜେନା କହିଥିଲେ ଯେ, ବିବାହ ଦିନ ଆମେ ଘଟଣାସ୍ଥଳରେ ପହଞ୍ଚି ୧୮ବର୍ଷରୁ କମ୍ ବୟସର ଝିଅକୁ ବିବାହ କରାଇବା ଆଇନତଃ ଦଣ୍ଡନୀୟ ଅପରାଧ ଏବଂ ଏହା ହେଲେ ଝିଅ ଉପରେ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବା ପ୍ରଭୃତି କହି ତଥା ଚାପ ପକାଇ ବିବାହ ବନ୍ଦ କରାଇଥାଉ। ଯାହାକି ଝିଅ ପୁଅ ଓ ତାଙ୍କ ପରିବାର ପ୍ରତି ବେଦନାଦାୟକ ହୋଇଥାଏ। ତେଣୁ ଏ କ୍ଷେତ୍ରରେ ଆଗୁଆ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ଅନ୍ୟମାନଙ୍କ ମଧ୍ୟରେ ବାଲ୍ୟ ବିବାହ ନିରୋଧ ଅଧିକାରୀ ତଥା ଡିଏସ୍‌ଡବ୍ଲ୍ୟୁଓ କୁନ୍ତଳା କୁମାରୀ ମଲ୍ଲିକ ଯୋଗଦେଇ ବାଲ୍ୟ ବିବାହ, ଶିଶୁ ଚାଲାଣ, ପୋଷ୍ୟ ସନ୍ତାନ ଗ୍ରହଣ ଓ ଶିଶୁ ଯୌନ ଶୋଷଣ ରୋକିବା ଦିଗରେ ସୁପରଭାଇଜର, ଶିଶୁ ବିକାଶ ଅଧିକାରୀ ଏବଂ ମହିଳାମାନଙ୍କ ଦାୟିତ୍ୱ ତଥା ଭୂମିକା ସମ୍ପର୍କରେ ବୁଝାଇଥିଲେ। ଭୁବନେଶ୍ୱରରୁ ଆସିଥିବା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ମନୋଜ କୁମାର ତ୍ରିପାଠୀ ମଧ ବିଭିନ୍ନ ପରାମର୍ଶ ଦେଇଥିଲେ। କର୍ମଶାଳାରେ ଉପସ୍ଥିତ ସିଡିପିଓ, ସୁପରଭାଇଜରମାନଙ୍କୁ ଜିଲାପାଳ, ଏସ୍‌ପି, ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ, କିଶୋର ନ୍ୟାୟ ବୋର୍ଡ, ଶିଶୁ କଲ୍ୟାଣ ସମିତି, ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଚାଇଲ୍ଡ ଲାଇନ କର୍ମକର୍ତ୍ତା ପ୍ରଭୃତିଙ୍କ ଜରୁରୀକାଳୀନ ସହାୟତା ଫୋନ ନମ୍ବର ତାଲିକା ଦିଆଯାଇଥିଲା।


କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

■ ଆମ ପୋଲିସ ସଚେତନତା ବୈଠକ

# ବରିଷ୍ଠ ନାଗରିକଙ୍କ ସୁରକ୍ଷା ନେଇ ଆଲୋଚନା

ପାରଳାଖେମୁଣ୍ଡି, ୨୯।୧(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ଥାନା ପରିସରରେ ମଙ୍ଗଳବାର ଆମ ପୋଲିସ ସମିତି ପକ୍ଷରୁ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନା ଅଧିକାରୀ ବାବୁଲି ନାୟକ ସଭାପତିତ୍ୱ କରିଥିବାବେଳେ ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସହରର ଟ୍ରାଫିକ ବ୍ୟବସ୍ଥା ସମ୍ପର୍କରେ ମୁଖ୍ୟତଃ ଆଲୋଚନା କରାଯାଇଥିଲା। କେତେଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ସହରର ଦୋଳ ପୋଖରୀ ଛକ, ରାଜଦାଣ୍ଡ ଛକ, ଜଗନ୍ନାଥ ମନ୍ଦିର ଛକ ପ୍ରଭୃତି ସ୍ଥାନରେ ବାରମ୍ବାର ଛାତ୍ର ଗୋଷ୍ଠୀଙ୍କ ମେଳିକୁ ନେଇ କିଛି ବରିଷ୍ଠ ନାଗରିକ ପ୍ରଶ୍ନ ଉଠାଇଥିଲେ। ଏ ସଂକ୍ରାନ୍ତରେ ପୋଲିସ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିଲା। ୧୮ବର୍ଷରୁ କମ୍ ବୟସର ଯେଉଁ ପିଲାମାନେ ବାଇକ୍ ଚଲାଉଛନ୍ତି ସେମାନଙ୍କୁ ଯାଞ୍ଚ କରି ସେମାନଙ୍କ ଅଭିଭାବକଙ୍କୁ ସଚେତନ କରିବା ପାଇଁ ମତ ପ୍ରକାଶ ପାଇଥିଲା। ଏ ନେଇ ପୋଲିସ ପକ୍ଷରୁ ତୁରନ୍ତ ଯାଞ୍ଚ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ବୈଠକରେ ଏସ୍‌ଆଇ ବନମାଳି ବାରିକ, ଏଏସ୍‌ଆଇ ଭୋଳାନାଥ ପଣ୍ଡା, ପି.କେ. ତାରିଣୀ, ପି.ଭି. ଶତପଥି ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀମାନେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ମହେନ୍ଦ୍ରଗିରି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ପାରଳାଖେମୁଣ୍ଡି,୨୯।୧(ସ୍ୱ.ପ୍ର.)

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ଅଧୀନ ରାମଗିରିସ୍ଥିତ ମହେନ୍ଦ୍ରଗିରି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଅମିତା ମଣ୍ଡଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାମଗିରି ଥାନା ଅଧିକାରୀ ମୁକେଶ ବେହେରା ଓ ସମିତି ସଭ୍ୟ ଗୋପ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟର ଅଧକ୍ଷା ପ୍ରିୟଦର୍ଶନୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। କ୍ରୀଡା ଶିକ୍ଷକ ମାଧବ ଖୁଣ୍ଟିଆ ଓ ଛେଳିଗଡ ସରକାରୀ ହାଇସ୍କୁଲର ସୁଶାନ୍ତ ପ୍ରଧାନ ପ୍ରମୁଖ ପ୍ରତିଯୋଗିତାଗୁଡ଼ିକୁ ପରିଚାଳନା କରିଥିଲେ । ବାଳକ ବିଭାଗରେ ଜିନୁ ରଇତ ଏବଂ ବାଳିକା ବିଭାଗରେ ଇନ୍ଦିରା କାର୍ଜୀ ଚାମ୍ପିୟନ ହୋଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

# ଔଦ୍ୟୋଗିକ ବିକାଶ ତାଲିମ ଶିବିର

ପାରଳାଖେମୁଣ୍ଡି, ୨୯।୧(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହରସ୍ଥ ଆନ୍ଧ୍ରବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନରେ ମଙ୍ଗଳବାରଠାରୁ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକ ନିମନ୍ତେ ଔଦ୍ୟୋଗିକ ବିକାଶ ତାଲିମ ଶିବିର ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ୬ଦିନ ଧରି ଚାଲିବ। ଏଥିରେ ଜିଲାର ବିଭିନ୍ନ ସ୍ଥାନରୁ ସ୍ୱୟଂସହାୟକ ଗୋଷ୍ଠୀର ୩୫ଜଣ ସଦସ୍ୟା ଯୋଗଦେଇଛନ୍ତି। ଅତିଥି ଭାବେ ଜିଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ ଦାମୋଦର ଉଗୁର୍‌ସାଣ୍ଡି ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ କଠିନ ପରିଶ୍ରମ କରି ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରତିଷ୍ଠାନର ପାଠ୍ୟକ୍ରମ ସଂଯୋଜକ ଦିଲ୍ଲୀପ କୁମାର ତନ୍ତୀ ପରିଚାଳନା କରିଥିବାବେଳେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଚିନ୍ତାମଣି ଭୂୟାଁ ଧନ୍ୟବାଦ ଦେଇଥିଲେ।


ଶିବିରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।






# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ଜାନୁୟାରୀ ୩୦ /୨୦୧୯ Rayagada, Wednesday, January. 30 / 2019


**ସଂକ୍ଷେପରେ**

## ୫ ମାସର ଗର୍ଭବତୀ ହେଲେ ନାବାଳିକା

**■ମାନସିକ ବିକାରଗ୍ରସ୍ତ ଥିବା କହିଲେ ଗ୍ରାମବାସୀ**

କାଳିମେଳା,୨୯।୧(ଡି.ଏନ୍.ଏ): ମାଲକାନଗିରି ଜିଲା କାଳିମେଳା ଅଞ୍ଚଳର ଜଣେ ୧୭ ବର୍ଷର ଆଦିବାସୀ ନାବାଳିକା ବର୍ତ୍ତମାନ ୫ ମାସର ଗର୍ଭବତୀ ଥିବା ସୂଚନା ମିଳିଛି। ନାବାଳିକାଙ୍କୁ ଏଥି ପାଇଁ ଦାୟୀ କିଏ ବୋଲି ପଚାରିବାରୁ ସେ ଗାଁର ଜଣେ ଯୁବକଙ୍କ ନାଁ କହିଥିଲେ। ପରେ ଗାଁରେ ଖାପ ପଞ୍ଚାୟତ ମାଧମରେ ଏହାର ସମାଧାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଉକ୍ତ ଯୁବକଙ୍କ ବାପା ପଞ୍ଚାୟତକୁ ନ ଆସିବାରୁ ଏହାର କୌଣସି ସମାଧାନ ହୋଇପାରିନି। ଏହାର ନିରପେକ୍ଷ ତଦନ୍ତ କରି ପୀଡିତାଙ୍କୁ ନ୍ୟାୟ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ପ୍ରକାଶ ଯେ, ନାବାଳିକାଙ୍କ ଶରୀରରେ ପରିବର୍ତ୍ତନ ଦେଖି ତାଙ୍କ ମା' ଝିଅକୁ ପଚରା ଉଚରା କରିଥିଲେ। ପରେ ଗାଁର ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ନିକଟରେ ପରିକ୍ଷା କରିବାରୁ ନାବାଳିକା ଜଣଙ୍କ ଗର୍ଭବତୀ ଥିବା ଜଣାପଡିଥିଲା। ଏ ନେଇ ନାବାଳିକା ପଚାରିବାରୁ ସେ ଗାଁର ଜଣେ ଯୁବକଙ୍କ ନାଁ କହିଥିଲେ। ଉକ୍ତ ଗ୍ରାମରେ ଖାପ ପଞ୍ଚାୟତ ବସାଇ ସମାଧାନ କରିବାକୁ ଗ୍ରାମବାସୀମାନେ କହିଥିଲେ। କିନ୍ତୁ ଉକ୍ତ ଯୁବକଙ୍କ ବାପା ବୈଠକରେ ଅନୁପସ୍ଥିତ ରହିବାରୁ ଗ୍ରାମବାସୀ କୌଣସି ସମାଧାନ କରି ପାରି ନ ଥିଲେ। ପ୍ରଶାସନ ଘଟଣାର ତଦନ୍ତ କରି ପୀଡିତାଙ୍କୁ ନ୍ୟାୟ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ତେବେ ପୀଡିତା ମାନସୀକ ବିକାରଗସ୍ତ ଥିବା ଗ୍ରାମବାସୀ କହିଛନ୍ତି। ଖବରପାଇ କାଳିମେଳା ଚାଇଲ୍ଡ ଲାଇନ ଗାଁରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ପଡିଆ ଥାନାକୁ ନେଇଥିଲେ। ପରେ ନାବାଳିକାଙ୍କୁ ଚାଇଲ୍ଡ ଲାଇନ ପଡିଆରୁ ନେଇ ମାଲକାନଗିରି ଶିଶୁ ସୁରକ୍ଷା ସମିତିକୁ ହସ୍ତାନ୍ତର କରିଛନ୍ତି। ପଡିଆ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଏ ନେଇ ପଡିଆ ପୋଲିସକୁ ଯୋଗାଯୋଗ କରାଯାଇଥିଲେ ସୁଧା କୌଣସି ସୂଚନା ମିଳିପାରିନାହିଁ।

# ଜିଲାପାଳଙ୍କ ଅଫିସ୍ ଘେରିଲେ ଚାଷୀ

**ଲ୍ୟାମ୍ପସ ଏମ୍‌ଡିଙ୍କ ଗିରଫ ଦାବି**

**■ବିଭିନ୍ନ ଦାବିରେ ଉପଜିଲାପାଳଙ୍କୁ ସ୍ମାରକପତ୍ର**

**■ମଣ୍ଡିରୁ ଧାନ ଉଠାଇବାକୁ ଦାବିପତ୍ରରେ ଉଲ୍ଲେଖ**

ମାଲକାନଗିରି, ୨୯।୧(ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ସଦର ବ୍ଲକରେ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ଅନ୍ୟ ୨ଜଣ ଦୁର୍ବୃତ୍ତ ଜଣେ ଚାଷୀଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ମାମଲା ରୁଜୁ ହେବାପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ପ୍ରତିବାଦରେ ମଙ୍ଗଳବାର କୋରୁକୋଣ୍ଡା ବ୍ଲକର ଚାଷୀ ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଭାଜପା କୃଷକ ମୋର୍ଚ୍ଚା ସଭାପତି ସୁକଲିନ ସରକାରଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଚାଷୀଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ କୋରୁକୋଣ୍ଡା ବ୍ଲକର ସମସ୍ତ ମଣ୍ଡିରୁ ଠିକ ସମୟରେ ଧାନ ଉଠାଇବାକୁ ଦାବିକରି ସହକାରୀ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ସ୍ମାରକପତ୍ର ଦେଇଥିଲେ। ଜିଲା ପରିଷଦ ଅଧକ୍ଷ ଦଶରଥ ପଡ଼ିଆମି, ଉପାଧ୍ୟକ୍ଷା ସୁଲତା ମଣ୍ଡଳ, ଭାଜପା ଜିଲା ଉପସଭାପତି ସୁବାସ ପଡ଼ିଆମି, କୋରୁକୋଣ୍ଡା ବ୍ଲକ ଅଧକ୍ଷା ସାବିତ୍ରୀ ପଡ଼ିଆମିଙ୍କ ସମେତ ଶତାଧିକ ଚାଷୀ ଏଥିରେ ସାମିଲ ହୋଇଥିଲେ।


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀ ଓ ଅନ୍ୟମାନେ।

# ଶ୍ରମିକଙ୍କୁ ସାଇକେଲ ବିତରଣ

ନବରଙ୍ଗପୁର,୨୯।୧(ବି.ପ୍ର)

ନବରଙ୍ଗପୁର ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଶ୍ରମିକ ମାନଙ୍କୁ ସାଇକେଲ, ଟୋପି, ଜୋତା ଓ ଅନ୍ୟାନ୍ୟ ଉପକରଣ ପ୍ରଦାନ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଅତିରିକ୍ତ ଜିଲପାଳ ପରୀକ୍ଷିତ ସେଠୀ ଯୋଗଦେଇ ରାଜ୍ୟ ସରକାର ଶ୍ରମିକଙ୍କୁ ସହାୟତା ଯୋଜନା ସମ୍ପର୍କରେ ସୂଚନା ଦେବା ସହ ଶ୍ରମିକ ମାନେ ଏହାଦ୍ୱାରା ବହୁ ଉପକୃତ ହୋଇ ପାରିବେ ବୋଲି କହିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ଏହି ଉପକରଣର ସଦୁପଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର ଗାଈପାଇ ଅଧକ୍ଷତା କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲାରେ ୧୦ଟି ବ୍ଲକରେ ଏକ ହଜାର ପୁରୁଷ ଓ ମହିଳା ଶ୍ରମିକଙ୍କୁ ସାଇକେଲ ଓ ଉପକରଣ ବଣ୍ଟନ କରାଯିବ ବୋଲି ସୂଚନା ଦେଇଥିଲେ। ଏଥିରେ ବହୁ ଶ୍ରମିକ ଯୋଗଦେଇଥିଲେ ହେଁ ସମସ୍ତଙ୍କୁ ସାଇକେଲ ଓ ଉପକରଣ ବଣ୍ଟନରେ ବିଳମ୍ବ ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଥିଲା।


ଅତିଥିମାନେ ଶ୍ରମିକଙ୍କୁ ସାଇକେଲ ପ୍ରଦାନ କରୁଛନ୍ତି।






**■ କୁକୁଡ଼ାଗାଲିରେ ଚଢ଼ାଉ**

# ପୋଲିସ ମାଡ଼ରେ ପରିବା ବ୍ୟବସାୟୀଙ୍କ ଗୋଡ଼ ଭାଙ୍ଗିଲା

ନବରଙ୍ଗପୁର,୨୯।୧(ବି.ପ୍ର.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧିନ ଭଣ୍ଡିମାଲ କାଜୁ ଜଙ୍ଗଲରେ ମଙ୍ଗଳବାର ଏକ କୁକୁଡାଗାଲି ଚାଲିଥିଲା । ଉକ୍ତ ସ୍ଥାନରେ କିଛି ଦୋକାନ ବଜାର ମଧ୍ୟ ପଡିଥିଲା । ଖବର ପାଇ ଡାବୁଗାଁ ପୋଲିସ ସେଠାରେ ଚଢାଉ କରିଥିଲା। ଚଢାଉ ସମୟରେ ପୋଲିସ ମାଡରେ କୁକୁଡା ଗାଲି ନିକଟରେ ଥିବା ପରିବା ବ୍ୟବସାୟୀ କାର୍ତ୍ତିକ ଗୌଡଙ୍କ ଗୋଡ ଭାଙ୍ଗିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟ ପକ୍ଷରେ ପୋଲିସ ଚଢାଉ କରି ୪ ଜଣଙ୍କୁ ଗିରଫ କରିବା ସହ ୧୧ ହଜାର ୫ଶହ ଟଙ୍କା ଜବତ କରିଛି । ଥାନାରେ କେସ୍ ନଂ ୧୩/୧୯ ରୁଜୁ ହୋଇଛି । ତେବେ ସାଧାରଣ ଲୋକଙ୍କୁ ଗିରଫ କରାଯାଇଛି ବୋଲି ଅଭିଯୋଗ ହେଉଛି । ଅଞ୍ଚଳାଗାଁର କାର୍ତ୍ତିକ ଗୌଡ କହିଛନ୍ତି ଯେ, ମୁଁ ପନିପରିବା ବିକ୍ରି କରି ପରିବାର ଭରଣପୋଷଣ କରିଥାଏ। ଯେଉଁଠି ଯାନି ଯାତ୍ରା ଓ ଖେଳ ହୁଏ ସେହିସ୍ଥାନରେ ଭିଡ ଜମେ। ସେଠାରେ ପରିବା ନେଇ ବିକ୍ରି କରିଥାଏ । କୁକୁଡାଗାଲି ଉପରେ ପୋଲିସ ଚଢାଉ କରିଥିଲା । ସମସ୍ତେ ଦୌଡି ଚାଲି ଯାଇଥିଲେ। ମୁଁ ପରିବା ପସରା ଧରି କେଉଁ ଆଡେ ଯିବି। ସେଥିପାଇଁ କୁଆଡେ ନଯାଇ ଠିଆ ହୋଇ ରହିଥିଲି। ପୋଲିସ ଠେଙ୍ଗାରେ ଜୋରରେ ପିଟିବାରୁ ଗୋଡ ଭାଙ୍ଗି ଯାଇଛି ବୋଲି କହିଛନ୍ତି। ତେବେ ପୋଲିସର ମାଡ ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତପାଇ ଦାବି ହେଉଛି।


ଚିକିତ୍ସାଧିନ କାର୍ତ୍ତିକ ଗୌଡ଼ ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

